# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 November - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ରାଜ୍ୟ କ୍ୟାବିନେଟ୍ ବୈଠକ ହେବ ଅନୁଷ୍ଠିତ
- ଜାନୁଆରୀ ମାସ ପହିଲା ତାରିଖରୁ ଯୋଗ୍ୟ ହିତାଧିକାରୀମାନଙ୍କୁ ନୂଆ ରାସନ କାର୍ଡ ବଣ୍ଟନ କରାଯିବ; କହିଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ
- ଗୋଟିଏ ବ୍ୟାଙ୍କ ଖାତା ସହିତ ଗୋଟିଏ ମୋବାଇଲ୍ ନମ୍ବର ଯୋଡ଼ିବା ପାଇଁ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ପରାମର୍ଶ ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ପଞ୍ଚୁକ ବ୍ରତର ଦ୍ୱିତୀୟ ଦିନରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଙ୍କଚୂଡ଼ା ବେଶ ଏବଂ ଧବଳେଶ୍ୱର ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦେଉଛନ୍ତି ଦର୍ଶନ

***BBSR/R***

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍ ବୈଠକ ଅପରାହ୍ନ ୪ଟାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା, ପଞ୍ଚାୟତିରାଜ, କୃଷି, ସମବାୟ ଓ ଶକ୍ତି ବିଭାଗ ସମ୍ପର୍କିତ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି । ବିଶେଷକରି ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ହେବା ନେଇ ବୈଠକରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

***Desk***

# ରାସନ କାର୍ଡ

ରାଜ୍ୟ ସରକାର ଆସନ୍ତା ଜାନୁଆରୀ ପହିଲାରୁ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରିବେ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ପାତ୍ର କହିଛନ୍ତି, ରାସନ କାର୍ଡ ପ୍ରକ୍ରିୟାରୁ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦେବା ଲାଗି ପ୍ରକ୍ରିୟ ଜାରି ରହିଛି। ଚଳିତ ମାସ ଶେଷ ସୁଦ୍ଧା ରାସନକାର୍ଡ ହିତାଧିକାରୀମାନଙ୍କର ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଶେଷ ହେବ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୬ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ ବ୍ୟବସ୍ଥାରେ ଚିହ୍ନଟ କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ

କରାଯିବା ପରେ ଆସନ୍ତା ଜାନୁଆରୀ ମାସଠାରୁ ନୂଆ ରାସନକାର୍ଡ ଦିଆଯିବ।

***BBSR/R***

## ସ୍ନାତକ- ଏବିସି ଆଇ.ଡି.

ସ୍ନାତକ ଶିକ୍ଷାରେ ନୂତନ ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ଛାତ୍ରଛାତ୍ରୀଙ୍କ ଏକାଡେମିକ୍ ବ୍ୟାଙ୍କ କ୍ରେଡିଟ୍ ତଥା ଏବିସି ଆଇ.ଡି. ଖୋଲିବାକୁ ନେଇ ପ୍ରାଥମିକତା ଦିଆଯାଇଛି। ଆସନ୍ତା ୨୫ ତାରିଖ ସୁଦ୍ଧା ସ୍ନାତକ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଏବିସି ଆଇ.ଡି. ଖୋଲିବାକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶିକ୍ଷାନୁଷ୍ଠାନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଜାତୀୟ ଶିକ୍ଷାନୀତିକୁ ସରଳ ଭାବରେ ଲାଗୁ କରିବା ଗୁରୁତ୍ୱପୂର୍ଣ୍ଣ ଓ ବାଧ୍ୟତାମୂଳକ ବୋଲି ଦର୍ଶାଯାଇଛି। ସମସ୍ତ ପାଞ୍ଚଟି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସେମାନଙ୍କ ଅଧୀନରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏ ନେଇ ଅବଗତ କରାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁହେବା ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସ୍ନାତ୍ତକ ପାଠ୍ୟକ୍ରମରେ ୪ବର୍ଷିଆ କ୍ରେଡିଟ ବେସଡ୍ ପାଠପଢ଼ା ହେବ । ଗବେଷଣାକୁ ଗୁରୁତ୍ୱ ଦିଆଯିବା ସହିତ ଛାତ୍ରଛାତ୍ରୀମାନେ ନିଜ ଇଚ୍ଛାରେ ବିଷୟ ଗୁଡ଼ିକ ବାଛପାରିବେ ।

*Puri/R*

## ପଞ୍ଚୁକ ବ୍ରତ

କାର୍ତ୍ତିକ ମାସର ପଞ୍ଚୁକ ବ୍ରତର ଆଜି ଦ୍ୱିତୀୟ ଦିନରେ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବାଙ୍କଚୂଡ଼ା ବେଶରେ ସଜ୍ଜିତ କରାଯାଇଛି । ଏହି ବେଶରେ ମହାପ୍ରଭୁ ସୁନାକିରିଟ ଓ କାନକୁଣ୍ଡଳରେ ଆଭୂଷିତ ହୋଇଥିବା ବେଳେ ବଳଭଦ୍ର ହଳ ଓ ମୂଷଳ ଧାରଣ କରିଛନ୍ତି । ସେହିପରି ଦେବୀ ସୁଭଦ୍ରାଙ୍କ ମସ୍ତକରେ ସୁବର୍ଣ୍ଣକିଆ ଶୋଭା ପାଉଛି । ଏହାସହ ଆଜି ଶ୍ରୀମନ୍ଦିରରେ ଗରୁଡ଼ ଉତ୍ଥାପନ ନୀତି ପାଳନ କରାଯାଇଛି । ପଞ୍ଚୁକରେ ମହାପ୍ରଭୁଙ୍କର ଭିନ୍ନ ଭିନ୍ନ ବେଶ ଦର୍ଶନ ପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି ।

*Desk*

## ଧବଳେଶ୍ୱର- ବଡ଼ସିଂହାର ବେଶ

କଟକର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀଧବଳେଶ୍ୱରଙ୍କର ବଡ଼ଓଷା ଓ ବଡ଼ସିଂହାର ବେଶ ଆଜି ଅନୁଷ୍ଠିତ ହେଉଛି । ଶ୍ରଦ୍ଧାଳୁମାନେ ଶ୍ରୀଶ୍ରୀ ଧବଳେଶ୍ୱରଙ୍କର ଦର୍ଶନ କରିବା ସହିତ ରୋଷେଇ କରି ଏକବାର ପାଳନ କରୁଛନ୍ତି ।

*Sonepur*

## ଦିଶା ବୈଠକ

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସ୍ଥିତି, ଗତି ଓ କାର୍ଯ୍ୟକାରିତାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ 'ଦିଶା' ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଲୋକସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ସେଥିପାଇଁ ହୋଇଥିବା ବ୍ୟୟ ସଂକ୍ରାନ୍ତରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବିଶେଷକରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଓ ଜଳସିଞ୍ଚାଇ ଯୋଜନା, ଜାତୀୟ ମତ୍ସ୍ୟ ମିଶନ, ଜାତୀୟ ଖାଦ୍ୟ ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ପରି କେନ୍ଦ୍ରୀୟ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା ହୋଇଛି। ସମସ୍ତ ଯୋଜନାର ବ୍ୟୟ ମଞ୍ଜୁରି ବିନିଯୋଗ ପ୍ରମାଣପତ୍ର ଦାଖଲ ସହ ପ୍ରକୃତ ହିତାଧିକାରୀ ଚିହ୍ନଟ ଏବଂ ଉନ୍ନତମାନର କାର୍ଯ୍ୟ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀମତୀ ସିଂଦେଓ ପରାମର୍ଶ ଦେଇଛନ୍ତି। ବୈଠକରେ ବିଧାୟକ ନିରଞ୍ଜନ ପୂଜାରୀ, ରଘୁନାଥ ଜଗଦଲା, ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

***Desk***

## କୁଳପତି ନିଯୁକ୍ତି ବିଜ୍ଞପ୍ତି

ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର

କୁଳପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶ୍ୱ ବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ଉଚ୍ଚଶିକ୍ଷା ବିଭାଗକୁ ଏହି ତିନି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମ-୧୯୮୯ ଅନୁସାରେ ନୂତନ କୁଳପତିମାନଙ୍କ କାର୍ଯ୍ୟକାଳ ୩ ବର୍ଷ ପାଇଁ ନିଯୁକ୍ତି ଦେବା ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ଏହି ତିନି ବିଶ୍ୱବିଦ୍ୟାଳୟର କୁଳପତିମାନେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଆଇନ-୨୦୨୦ ଅନୁସାରେ ୪ ବର୍ଷ କାର୍ଯ୍ୟକାଳ ପୁରା କରିଛନ୍ତି।

***Desk***

## ଟିକସ ସଂଗ୍ରହ

ଚଳିତ ବର୍ଷ ଦେଶରେ ଟିକସଦାତାମାନେ ଅଧିକ ସଂଖ୍ୟାରେ ଟିକସ ଦେଉଥିବାରୁ ସରକାରଙ୍କର ଟିକସ ସଂଗ୍ରହ ରେକର୍ଡ ସୃଷ୍ଟି କରିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ ପହିଲାରୁ ବିଗତ ୨୨୪ ଦିନରେ ପ୍ରତି ଘଣ୍ଟାରେ ହାରାହାରି ୨୨୫ କୋଟି ଟଙ୍କାର ଟିକସ ରାଜକୋଷରେ ଜମା ହେଉଛି। ସୂଚନାଯୋଗ୍ୟ, ବିଗତ ୭ ମାସ ୧୦ ଦିନ ମଧ୍ୟରେ ୧୨ ଲକ୍ଷ କୋଟିରୁ ଅଧିକ ଟିକସ ସରକାର ପାଇଛନ୍ତି। ସେଥିମଧ୍ୟରୁ ୫ ଲକ୍ଷ କୋଟିରୁ ଅଧିକ କର୍ପୋରେଟ ଟ୍ୟାକ୍ସ ଥିବା ବେଳେ ୬ ଲକ୍ଷ ୫୦ ହଜାର କୋଟିରୁ ଅଧିକା ପରିମାଣର ଅଣକର୍ପୋରେଟ୍ ଟ୍ୟାକ୍ସ ସଂଗ୍ରହ କରାଯାଇଛି ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ-ସି.ବି.ଡି.ଟି ପକ୍ଷରୁ ଜଣାପଡ଼ିଛି।

***Desk***

## ଆୟକର-ପାନ୍

ଆୟକର ବିଭାଗ ପକ୍ଷରୁ କରଦାତାମାନଙ୍କୁ ସେମାନଙ୍କର ପାନ୍ ନମ୍ବରକୁ ଆଧାର ସହିତ ସଂଯୋଗ କରିବା ପାଇଁ କୁହଯାଇଛି । ଚଳିତ ବର୍ଷ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ଜାରି ରହିବ । ସାଇବର ଠକେଇ ଏବଂ ଆର୍ଥିକ ଠକେଇ ମାମଲା ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ବ୍ୟକ୍ତିଗତ ସୂଚନାର ଅପବ୍ୟବହାରକୁ ରୋକିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆୟକର ବିଭାଗକୁ ପାନ୍ ମାଧ୍ୟମରେ ବ୍ୟକ୍ତିଗତ ବିବରଣୀକୁ ସୀମିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

***Desk***

## ସରକାରୀ ବ୍ୟାଙ୍କଗୁଡ଼ିକ ଲାଭ

ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଦେଶର ସରକାରୀ ବ୍ୟାଙ୍କଗୁଡ଼ିକର ଲାଭ ୨୬ ପ୍ରତିଶତ ବୃଦ୍ଧି ପାଇଛି । ଏହାଛଡ଼ା ବ୍ୟାଙ୍କଗୁଡ଼ିକର ଅଣକାର୍ଯ୍ୟକାରୀ ସମ୍ପତ୍ତି-ଏନ୍.ପି.ଏ.ରେ ହ୍ରାସ ପାଇଥିବା ଅର୍ଥମନ୍ତ୍ରଣାଳୟର ସୂଚନାରୁ ଜଣାପଡ଼ିଛି । ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ସମେତ ୧୨ଟି ସରକାରୀ ବ୍ୟାଙ୍କର ମୋଟ୍ ବ୍ୟବସାୟ ଏପ୍ରିଲ ପହିଲାରୁ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୨୩୬ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଥିଲା । ବାର୍ଷିକ ଭିତ୍ତିରେ ପ୍ରଥମ ଛଅ ମାସରେ ବ୍ୟାଙ୍କଗୁଡ଼ିକ ୧୧ ପ୍ରତିଶତ ଲାଭ କରିଥିବା ଜଣାପଡ଼ିଛି ।

***BBSR/R***

## ସରକାରୀ ଛୁଟି

୨୦୨୫ ମସିହା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଛୁଟି ତାଲିକା ପ୍ରକାଶ ପାଇଛି । ଛୁଟି ତାଲିକା ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ରାଜସ୍ୱ ଏବଂ ମାଜିଷ୍ଟ୍ରେଟ୍ କୋର୍ଟ ଗୁଡ଼ିକ ପାଇଁ ଲାଗୁ ହେବ । ସରକାରୀ କର୍ମଚାରୀଙ୍କ ପାଇଁ ୨୦୨୫ ମସିହାରେ ମୋଟ୍ ୨୬ଟି ଛୁଟି ଦିବସ ରହିଛି । ଏହି ଛୁଟି ସହିତ ସରକାରୀ କର୍ମଚାରୀ ୮ଟି ଇଛାଧୀନ ଛୁଟି ମଧ୍ୟରୁ ଆଉ ଗୋଟିଏ ଦିନ ଛୁଟି ନେଇପାରିବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି । ଜାନୁଆରୀ ମାସ ୧୪ତାରିଖ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇ ଡିସେମ୍ବର ମାସ ୨୫ ତାରିଖ ବଡ଼ଦିନ ପର୍ଯ୍ୟନ୍ତ ଛୁଟି ତାଲିକା ପ୍ରକାଶ ପାଇଛି ।

***Desk***

## ସୁଭଦ୍ରା ଯୋଜନା–ତୃତୀୟ ପର୍ଯ୍ୟାୟ

ରାଜ୍ୟ ସରକାର ଚଳିତମାସ ୨୪ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀମାନଙ୍କୁ ଦେବେ । ଏହି ପର୍ଯ୍ୟାୟରେ ୨୦ଲକ୍ଷ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୂଚନା ଦେଇଛନ୍ତି । ସରକାର ପ୍ରଥମ ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୬୦ଲକ୍ଷ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ୧ କୋଟି ୩ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସୁଭଦ୍ରା ଯୋଜନାରୁ ଆର୍ଥିକ

ସାହାଯ୍ୟ ପାଇବା ପାଇଁ ଆବେଦନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, କେତେକ ଆବେଦନକାରୀଙ୍କ ମୋବାଇଲ୍ ନମ୍ବର, ଆଧାର ନମ୍ବର ଏବଂ ଜମାଖାତା ନମ୍ବର ଠିକ୍ ନ ଥିବାରୁ କିଛି ପରିମାଣରେ ସମସ୍ୟା ଦେଖାଯାଇଛି। ଯେଉଁ ହିତାଧିକାରୀମାନଙ୍କ ପାଖରେ ସୁଭଦ୍ରା ଯୋଜନାର ଟଙ୍କା ପାଇବାରେ ସମସ୍ୟା ଦେଖାଯାଉଛି ସେଠାକୁ ସରକାରୀ ଅଧିକାରୀ ଏବଂ ଅଙ୍ଗନବାଡ଼ି କର୍ମୀମାନେ ବ୍ୟକ୍ତିଗତ ଭାବେ ଯାଇ ହିତାଧିକାରୀମାନଙ୍କର ସମସ୍ୟାର ସମାଧାନ କରିବେ। ଗୋଟିଏ ବ୍ୟାଙ୍କ ଜମାଖାତା ସହିତ ଗୋଟିଏ ମୋବାଇଲ୍ ନମ୍ବର ଯୋଡ଼ିବା ପାଇଁ ହିତାଧିକାରୀମାନଙ୍କୁ ଶ୍ରୀମତୀ ପରିଡ଼ା ଅନୁରୋଧ କରିଛନ୍ତି।

***BHK***

## ଉନ୍ନୟନ ପ୍ରକଳ୍ପ ସମୀକ୍ଷା

ଭଦ୍ରକ ଜିଲ୍ଲା ଡିଆର୍‌ଡିଏ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବୈଠକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରାଯାଇଛି। ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପାନୀୟ ଜଳ, ଜାତୀୟ ରାଜପଥ ନିର୍ମାଣର ଅଗ୍ରଗତି, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟଯୋଗାଣ ଆଦି ବିଭିନ୍ନ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରାଯିବା ସହିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

***Desk***

## ପାଣିପାଗ

ଚଳିତ ମାସ ଶେଷ ସପ୍ତାହରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବ ଓଡ଼ିଶାରେ ବିଶେଷ ରହିବ ନାହିଁ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ରବିବାର ଏବଂ ସୋମବାର ଆଡ଼କୁ ଉତ୍ତରା ପବନ ବହିବାର ସମ୍ଭାବନା ଥିବାରୁ ରାତି ତାପମାତ୍ରା ଏକ ରୁ ଦୁଇ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।